## ଆଜି କ'ଣ କେଉଁଠି

**ଅନୁଗୋଳ**

■ରୀତା ସୁଜୁକି ମୋଟରସାଇକେଲ ଶୋ'ରୁମ୍ ଉଦ୍‌ଘାଟନ
ସ୍ଥାନ- ପଞ୍ଚମହଲା
ସମୟ- ଅପରାହ୍ନ ୫ ଘଟିକା।

■ଇସ୍କନରେ ଶିଷ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନ
ସ୍ଥାନ- ଇସ୍କନ
ସମୟ- ଅପରାହ୍ନ ୪ ଘଟିକା।

## ସଂକ୍ଷେପରେ

### ଇସ୍କନରେ ପ୍ରଶିକ୍ଷଣ ଶିବିର

**ଅନୁଗୋଳ ଅଫିସ, ୧୮।୭:** ଅନୁଗୋଳ ଇସ୍କନ ପକ୍ଷରୁ ଗୁରୁବାର ଠାରୁ ଦୁଇ ଦିନ ଧରି ଶିଷ୍ୟ ପ୍ରଶିକ୍ଷଣ କର୍ମଶାଳା ଆରମ୍ଭ ହୋଇଛି। ଏଥିରେ ବହୁ ବରିଷ୍ଠ ସନ୍ନ୍ୟାସୀ ଓ ଗୁରୁଶ୍ରୀ ଭକ୍ତି ଗୌରବ ନାରାୟଣ ସ୍ୱାମୀ ମହାରାଜାଙ୍କ ଶିଷ୍ୟମାନେ ଯୋଗଦାନ କରିଛନ୍ତି। ବରିଷ୍ଠ ସନ୍ନ୍ୟାସୀ ଭକ୍ତି ଜୀବନ ବ୍ରଜାନନ୍ଦ ମହାରାଜ, ବୈଷ୍ଣବ ମହାରାଜ ଓ ଭକ୍ତିପ୍ରାଣ ଗୋପୀନାଥ ମହାରାଜ ମଧ୍ୟ ଯୋଗଦେଇ ଶିଷ୍ୟମାନଙ୍କ ପ୍ରକୃତ କର୍ତ୍ତବ୍ୟ ସହ ଜୀବନର ପରମଲକ୍ଷ୍ୟ ସାଧନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ଭକ୍ତମାନଙ୍କ ଭକ୍ତିମାର୍ଗରେ ଆସୁଥିବା ସନ୍ଦେହ ବା ସମସ୍ୟାର କିପରି ସମାଧାନ ହୋଇପାରିବ ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାରେ ପ୍ରାୟ ୪ ଶହରୁ ୫ ଶହ ଭକ୍ତ ଯୋଗଦାନ କରିଛନ୍ତି।

### ନବୋଦୟଙ୍କଳରେ ଭଲିବଲ ପ୍ରତିଯୋଗିତା

**ବନ୍ତଲା, ୧୮।୭ (ଡି.ଏନ୍.ଏ.):** ନବୋଦୟ ବିଦ୍ୟାଳୟ ଅନୁଗୋଳ ଠାରେ ଦୁଇ ଦିନିଆ ସଙ୍କୁଳସ୍ତରୀୟ ଭଲିବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୬ଟି ବିଦ୍ୟାଳୟର ୨୯ ଜଣ ଛାତ୍ରୀ ଓ ୪୮ ଛାତ୍ର ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅନୁଗୋଳସ୍ଥିତ ରେଙ୍ଗର୍ସ କଲେଜର ଭଲିବଲ ପ୍ରଶିକ୍ଷକ ହୃଦାନନ୍ଦ ପଣ୍ଡା ଓ ଅଶୋକ କୁମାର ପ୍ରଧାନ ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ରୁଦ୍ର ପ୍ରସାଦ ସାହୁ ଖେଳାଳିମାନଙ୍କୁ ଖେଳ ଭାବନା ସହିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ଗଣିତ ଶିକ୍ଷକ ପ୍ରକାଶ କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟ ଖେଳ ଶିକ୍ଷକ ନରୋତ୍ତମ ରାଉତ ଓ ଶିକ୍ଷିକା ସୁଚିତ୍ରା ପ୍ରିୟଦର୍ଶିନୀ ପଟ୍ଟନାୟକ ସହଯୋଗ କରିଥିଲେ। ଉପାଧ୍ୟକ୍ଷା ଗୀତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାରତମାତା ମନ୍ଦିରରେ ଗୁରୁପୂର୍ଣ୍ଣିମା

**ଅନୁଗୋଳ ଅଫିସ, ୧୮।୭:** ଅନୁଗୋଳ ଭାରତମାତା ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ସଂଘ ଚାଳକ ବିଜୟ କୁମାର ସାହୁ ସଭାପତିତ୍ୱ କରିଥିଲେ। ଅଖିଳ ଭାରତୀୟ ସହ ଗୋ-ସେବା ପ୍ରମୁଖ ଅଜିତ ପ୍ରସାଦ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗିରିଶ ଚନ୍ଦ୍ର ମହନ୍ତ, ଚନ୍ଦ୍ରଶେଖର ବେହେରା, ଶ୍ରୀବତ୍ସ ଖୁଣ୍ଟିଆ, ଆଶୁତୋଷ ରଥ, ଦେବେନ୍ଦ୍ର ଆଚାର୍ଯ୍ୟ, ସଞ୍ଜୀବ ସନ୍ତୋଷରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

### ଡାକ୍ତରଙ୍କୁ ସମ୍ବର୍ଦ୍ଧନା



**ପାଲଲହଡ଼ା, ୧୮।୭(ଡି.ଏନ.ଏ.):** ପାଲଲହଡା ଷ୍ଟାଡିୟମଠାରେ ସୁଇଫ୍ଟ ଲାଇଫ ଡାଇବେଟିସ କେୟାରର ପରିଚାଳକ ଡା. ଅଂଶୁମାନ ନାଏକଙ୍କୁ ପାଲଲହଡା ଡାଇବେଟିସ ଫୋରମ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଗତ ୨୨ ଜୁନ ୨୦୧୯ରେ ସେଣ୍ଟ୍ରାଲ ଆମେରିକାନ ୟୁନିଭର୍ସିଟିରୁ ପିଏଚଡି ଲାଭ କରିସାରିବା ପରେ ନାଏକ ପାଲଲହଡ଼ା ଆସିଥିବାବେଳେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଫୋରମ କର୍ମକର୍ତ୍ତା ସନ୍ତୋଷ କୁମାର ଗଡ଼ନାୟକ, ମନୋରଞ୍ଜନ ପ୍ରଧାନ, ସଞ୍ଜୀବ କୁମାର ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବଜ୍ରପାତରେ ଜଣେ ମୃତ

**ବଅଁରପାଳ, ୧୮।୭(ଡି.ଏନ.ଏ.):** ବଅଁରପାଳ ଥାନା ତଳମୂଳ ଗ୍ରାମର କରୁଣାକର ସାହୁ (୫୫) ଗୁରୁବାର ବଜ୍ରପାତରେ ମୃତ୍ୟୁବରଣ କରିଛନ୍ତି। ସେ ଅପରାହ୍ନରେ ବିଲରେ ଧାନ ତଳି ରୋଉଥିବାବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ବଅଁରପାଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

■ ବିନା ଅନୁମତିରେ ବିଦ୍ୟୁତ୍ ସଂଯୋଗକୁ ବିରୋଧ

# ଏନ୍‌ଜେଇ, ଲାଇନମ୍ୟାନ୍ ଅଟକ

**ବନ୍ତଲା, ୧୮।୭(ଡି.ଏନ.ଏ.)**



■ଅଧଘଣ୍ଟା ଧରି ରାସ୍ତା ଅବରୋଧ
■ଅଭିଯୋଗକୁ ଅସ୍ୱୀକାର କଲେ ଜେଇ
■ବିଲ୍ ଦେଉ ନ ଥିବାରୁ ବିଚ୍ଛିନ୍ନ ପାଇଁ ଯାଇଥିଲୁ

ଅନୁଗୋଳ ଜିଲା ବଡକେରା ବିଦ୍ୟୁତ୍ ସବଷ୍ଟେଶନ ଅଧୀନରେ ଥିବା ଡୁମୁଣି ଭାଲିଆ ପାଳ ଗ୍ରାମରେ ଗ୍ରାମବାସୀଙ୍କ ଅଗୋଚରରେ ଏକ ଫେବ୍ରିକେଶନ ଦୋକାନକୁ ବିଦ୍ୟୁତ୍ ସଂଯୋଗ କରାଯିବାକୁ ବିରୋଧ କରାଯାଇଛି। ଏହାକୁ ନେଇ ଗୁରୁବାର ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ଏନ୍‌ଜେନ ଜେଇ, ଦୁଇଜଣ ଲାଇନ ମ୍ୟାନ, ଡ୍ରାଇଭରଙ୍କ ସହ ଏକ ବୋଲେରୋ ଅଟକ ରଖିଥିଲେ। ଏଥିସହ ବନ୍ତଲା-ବଡକେରା ପୁରୁଣା କଟକ-ସମ୍ବଲପୁର ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ କରିଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଗ୍ରାମର ୫୦ ପରିବାର ପାଇଁ ସୌଭାଗ୍ୟ ଯୋଜନାରେ ଏନ୍‌ଟିପିସି ଜରିଆରେ ୬୩ କେଭିର ଟ୍ରାନ୍ସଫର୍ମର ଲଗାଯାଇଛି। ଏହି ବିଦ୍ୟୁତ୍ ସଂଯୋଗ ପାଇଁ ଉପଭୋକ୍ତାମାନେ ଚାନ୍ଦା ଆଦାୟ କରି ଅର୍ଥ ଦେଇଛନ୍ତି। ନୂତନ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ ପାଇଁ ଗ୍ରାମବାସୀଙ୍କ ଅନୁମତି ନେବା କଥା। କିନ୍ତୁ ଗ୍ରାମବାସୀଙ୍କୁ ନ ଜଣାଇ ଏନ୍‌ଜେନ ପକ୍ଷରୁ ଏକ ଦୋକାନକୁ ଥ୍ରୀ ଫେଜ ବିଦ୍ୟୁତ୍ ସଂଯୋଗ କରାଯାଇଛି। ସକାଳ ୧୧ଟାରେ ଏକ ବୋଲେରୋରେ ଏନ୍‌ଜେନ ଜେଇ ଓ କର୍ମଚାରୀମାନେ ଫେବ୍ରିକେଶନ ଦୋକାନକୁ ବିଦ୍ୟୁତ୍ ସଂଯୋଗ ପାଇଁ ଯାଇଥିବା ଜାଣି ଗ୍ରାମବାସୀ ସେମାନଙ୍କୁ ଅଟକ ରଖିବା ସହ ରାସ୍ତାରୋକୋ କରିଥିଲେ। ପରେ ବନ୍ତଲା ଆଇଆଇସି ପ୍ରଦୀପ କୁମାର ପ୍ରଧାନ, ଏସ୍‌ଆଇ ସୌରଭ ସାମଲ ଓ ପୋଲିସ କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ବିଦ୍ୟୁତ୍ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଗ୍ରାମ ସଭାପତି ବିପିନ ନାଏକ, ସମ୍ପାଦକ ଭାବ ନାଏକ, ଜଗନ୍ନାଥ ନାଏକ, ଆରତ ନାଏକ, ବାବୁଲି ନାଏକ, ନର୍ସ ନାଏକ, ଅରୁଣ ନାଏକ, ଯୋଗେଶ ନାଏକ, ରଞ୍ଜନ ନାଏକ, ପ୍ରଶାନ୍ତ ନାଏକ, ଶେଷ ନାଏକ, ସୁମନ୍ତ ନାଏକ, ହେନା ନାଏକ, ବବିତା ନାଏକ, ବୀଣାପାଣି ନାଏକଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

ଏ ବିଷୟରେ ବଡକେରା ଏନ୍‌ଜେନ ଜେଇ ବିଭୂତି ପୃଷ୍ଟି କୁହନ୍ତି, ସୌଭାଗ୍ୟ ଯୋଜନାରେ ୬ ମାସ ହେଲା ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ୩୭ ଉପଭୋକ୍ତାଙ୍କ ମଧ୍ୟରୁ ମାତ୍ର ୫ ଜଣ ବିଦ୍ୟୁତ୍ ଦେୟ ଦେଇଥିବା ବେଳେ ବାକି ୩୨ ଜଣ ୬ ମାସ ହେଲା ବକେୟା ପଇଠ କରିନାହାନ୍ତି। ବିଲ୍ ପଇଠ ନ କଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ ବୋଲି ଉପଭୋକ୍ତାମାନଙ୍କୁ ଜଣାଯାଇଥିଲା। ଗୁରୁବାର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରୁଥିବା ସମୟରେ ଲୋକେ ବିରୋଧ କରିଥିଲେ। ସେମାନେ ଯେଉଁ ଅଭିଯୋଗ କରୁଛନ୍ତି ତାହା ସମ୍ପୂର୍ଣ୍ଣ ମିଛ। ୩ ଦିନ ହେଲା ଫେବ୍ରିକେଶନ ଦୋକାନକୁ ବିଦ୍ୟୁତ୍ ସଂଯୋଗ ଦିଆସରିଛି। ନିୟମ ଅନୁଯାୟୀ ଉପଭୋକ୍ତା ଜଣକ ଟଙ୍କା ଡିପୋଜିଟ କରିଛନ୍ତି।

■ଛେଣ୍ଡିପଦାରେ ଦନ୍ତା ତାଣ୍ଡବ

# କଲେଜ ପାଚେରି ଭାଙ୍ଗିଲା, ବର୍ତ୍ତିଲେ ଜଗୁଆଳି

**ଛେଣ୍ଡିପଦା, ୧୮।୭ (ସ୍ୱ.ପ୍ର./ଡି.ଏନ.ଏ.)**

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ସନ୍ତରାବନ୍ଧ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ୩ଟି ହାତୀ ଉପଦ୍ରବ କରିବା ସହ ସ୍ଥାନୀୟ ମହର୍ଷି ମହାବିଦ୍ୟାଳୟ ପାଚେରି ଭାଙ୍ଗି ଦେଇଛନ୍ତି। ଏଥିସହ ଅନ୍ୟ ଏକ କୋଠରି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସେହି ସମୟରେ କଲେଜର ରାତ୍ର ଜଗୁଆଳ ସୌଭାଗ୍ୟବଶତଃ ହାତୀ ଆକ୍ରମଣରୁ ବର୍ତ୍ତି ଯାଇଛନ୍ତି। ହାତୀ ପାଚେରି ଭାଙ୍ଗିବା ଶବ୍ଦ ଶୁଣି ଜଗୁଆଳି ମଦନ ସାହୁ ଉଠି ବାହାରକୁ ଆସିବା ପରେ ହାତୀ ସହ ମୁହାଁମୁହିଁ ହୋଇଥିଲେ। ସେଠାରୁ ଜୀବନ ବିକଳରେ ଗ୍ରାମ ମଧ୍ୟକୁ ଦୌଡି ଆସିବାରେ ସକ୍ଷମ ହୋଇଥିଲେ। ଗ୍ରାମବାସୀ ସେଠାରେ ପହଞ୍ଚି ହାତୀ ଘଉଡାଇଥିଲେ। ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ଏହି ପାଚେରି ନିର୍ମାଣ କରାଯାଇଥିଲା ବୋଲି କଲେଜ ଅଧ୍ୟକ୍ଷ ପଞ୍ଚୁନାଥ ପ୍ରଧାନ ପ୍ରକାଶ କରିଛନ୍ତି। ସ୍ଥାନୀୟ ଫରେଷ୍ଟ ରେଞ୍ଜ ଅଫିସରଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଅବଗତ କରାଯାଇଛି। ତୁରନ୍ତ ବନବିଭାଗ ମହାବିଦ୍ୟାଳୟର କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଯୋଗାଇଦେବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।



ହାତୀ ଭାଙ୍ଗିଦେଇଥିବା ପାଚେରି।

■ଶିକ୍ଷାଧିକାରୀଙ୍କୁ ଭେଟିଲା ଶିକ୍ଷା କମିଟି

# ସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବି

**ଛେଣ୍ଡିପଦା, ୧୮।୭(ସ୍ୱ.ପ୍ର.)**



ଛେଣ୍ଡିପଦା ବ୍ଲକ ବସନ୍ତପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ତେଣୁ ତୁରନ୍ତ ସେଠାରେ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମ ଶିକ୍ଷା କମିଟି ପକ୍ଷରୁ ଦାବି ହୋଇଛି। ଏ ନେଇ ଗୁରୁବାର କମିଟି ସଦସ୍ୟମାନେ ବ୍ଲକ ଶିକ୍ଷାଧିକାରୀଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଅତି କମ୍‌ରେ ୭ ଜଣ ଶିକ୍ଷକ ଆବଶ୍ୟକ ହେଉଥିବାବେଳେ ମାତ୍ର ୫ ଜଣ ରହିଛନ୍ତି। ଏପ୍ରିଲରୁ ୨ଜଣ ଶିକ୍ଷକ ଅବସର ନେଇଥିଲେ ମଧ୍ୟ ସେଠାରେ ନୂତନ ନିଯୁକ୍ତି ହେଉନି। ସେହିପରି ବିଦ୍ୟାଳୟରେ ଇଂଲିଶ ଶିକ୍ଷକ ମଧ୍ୟ ନାହାନ୍ତି। ତୁରନ୍ତ ଉକ୍ତ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ କମିଟି ପକ୍ଷରୁ ବିଜୟ କୁମାର ଶତପଥୀ, ନିରଞ୍ଜନ ଦେହୁରୀ, କୁଶଧ୍ୱଜ ବେହେରା, ପ୍ରଭାତୀ ପ୍ରଧାନ, ମୁଳତା ଧଳ, ବୈଦ୍ୟନାଥ ସାହୁ, ପ୍ରମୋଦ କୁମାର ସାହୁ ପ୍ରମୁଖ ଦାବି କରିଛନ୍ତି।

■୩ ଦିନ ହେଲା ଯାତାୟାତ ଠପ୍

# ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ଛେଣ୍ଡିପଦା, ୧୮।୭ (ସ୍ୱ.ପ୍ର.)**



ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡା ପଞ୍ଚାୟତ ବରମଳିହାସାହି ଲୋକେ ଯାତାୟାତ କରୁଥିବା ରାସ୍ତାକୁ ଗ୍ରାମର କେତେଜଣ ବ୍ୟକ୍ତି ବନ୍ଦ କରିଦେଇଥିବାରୁ ୩ ଦିନ ହେଲା ଲୋକଙ୍କ ଯାତାୟାତ ଠପ୍ ହୋଇଯାଇଛି। ଏ ନେଇ ଗୁରୁବାର ଗ୍ରାମବାସୀ ଛେଣ୍ଡିପଦା ଥାନା, ତହସିଲଦାରଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଗ୍ରାମକୁ ଯିବାଆସିବା ପାଇଁ ଏକ ରାସ୍ତାର ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି।

ଅଭିଯୋଗ ମୁତାବକ, ପୂର୍ବରୁ ଗ୍ରାମ ନିକଟରେ ପଡିଆଗୁଡିକରେ ଲୋକେ ବାହାରକୁ ଯିବାଆସିବା କରୁଥିଲେ। ଏବେ ସେହି ଜାଗାର ମାଲିକ ପିପଳବାହାଳ ଗ୍ରାମର କେତେଜଣ ଏହାକୁ କଣ୍ଟାବାଡ ଦେଇ ବନ୍ଦ କରି ଦେଇଛନ୍ତି। ଫଳରେ ଲୋକେ ଗ୍ରାମରୁ ବାହାରକୁ ଯିବା ଏକ ପ୍ରକାର ବନ୍ଦ ହୋଇଯାଇଛି। ଛାତ୍ରୀଛାତ୍ରମାନେ ସ୍କୁଲ ଯାଇପାରୁ ନ ଥିବାବେଳେ ଜରୁରୀ କାମ ବେଳେ ଲୋକେ ହଇରାଣ ହେଉଛନ୍ତି। ତୁରନ୍ତ ଏହାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

# ୨୭ ୟୁନିଟ୍ ରକ୍ତ ସଂଗ୍ରହ



**ତାଳଚେର, ୧୮।୭(ନି.ପ୍ର.)**

ତାଳଚେର ଉପଖଣ୍ଡ ଡାକ୍ତରଖାନା ବ୍ଲଡ୍ ବ୍ୟାଙ୍କରେ ଗୁରୁବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ତାଳଚେର ଉପଜିଲାପାଳ ପରେଶଚନ୍ଦ୍ର ନାୟକ, ବଳରାମ ପତି, ରଞ୍ଜିତ ମହାପାତ୍ର, ହିମାଂଶୁ ମହାରଣା, ଆଇଡ୍ରିମ କଲେଜ ନିର୍ଦ୍ଦେଶକ ଦୀପ୍ତି ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବ୍ଲଡ୍‌ବ୍ୟାଙ୍କରେ ରକ୍ତ ଅଭାବ ଖବରପାଇ ଆଇଡ୍ରିମ୍ କଲେଜର ଛାତ୍ରୀଛାତ୍ରମାନେ ସ୍ୱେଚ୍ଛାକୃତ ଭାବେ ଆସି ରକ୍ତଦାନ କରିଥିଲେ। ଶିବିରରେ ମୋଟ୍ ୨୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# ପାଠାଗାର ପକ୍ଷରୁ ଚାରା ରୋପଣ

**ତାଳଚେର, ୧୮।୭(ନି.ପ୍ର.)**

ତାଳଚେର ବ୍ଲକ କଳମଚ୍ଛୁଇଁ ଗ୍ରାମର ମା' ହିଙ୍ଗୁଳା ପାଠାଗାର ପକ୍ଷରୁ ୭୦ତମ ବନ ମହୋତ୍ସବ ପାଳନ କରାଯାଇଛି। ଏହି ଅବସରରେ ନଡଡା ଗ୍ରାମର ଗୀତାଶ୍ରମ ପରିସରରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଠାଗାର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଗୀତାଶ୍ରମ ମଠାଧୀଶ ବାବା ଜଗତ ଚୈତନ୍ୟ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ହରମୋହନ ସାହୁ ଯୋଗ ଦେଇଥିଲେ। ମଠ ପରିସରରେ ଥିବା ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ ପରେ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ପାଠାଗାରର ସଦସ୍ୟମାନେ ମଠ ପରିସରରେ ଆମ୍ବ, ଲିଚୁ, ପିଜୁଳି, ଲେମ୍ବୁ, କମଳା ଆଦି ଫଳ ଚାରା ରୋପଣ କରିଥିଲେ। ଅନୁଷ୍ଠାନ ଉପଦେଷ୍ଟା ପ୍ରଭାକର ପ୍ରଧାନ, ସଭାପତି ହାଡିବନ୍ଧୁ ପ୍ରଧାନ, କୋଷାଧ୍ୟକ୍ଷ ଦୟାନିଧି ସାହୁ, ଅଜିତ ପ୍ରଧାନ, ରଙ୍ଗାଧର ନାୟକ, କବିରାଜ ସାହୁ, ଜଗବନ୍ଧୁ ବାରିକ, ସତ୍ୟବାନ ସାହୁ, ରସାନନ୍ଦ ଥାଟୋଇ, ସରସ୍ୱତୀ ପ୍ରଧାନ, ମୋନାଲିସା ସାହୁ, ଶୋଭାଗିନୀ ସାହୁ, ସୁପ୍ରିୟା ପ୍ରଧାନ, ନକୁଳ ସାହୁଙ୍କ ସହ ବାବା ଫକୀର ଚୈତନ୍ୟ, ରମେଶ ଚୈତନ୍ୟ, ମୋହନ ଚୈତନ୍ୟ, ପ୍ରତାପ ଚୈତନ୍ୟ, ଛୁଟା ଦଳେଇ, ଧୀର ବେହେରା ପ୍ରମୁଖ ସହଯୋଗ କରିଥିଲେ।

■ରାସ୍ତା ଉପରେ ଘର ନିର୍ମାଣ ସାମଗ୍ରୀ

# ଅସନ୍ତୋଷ ପରେ ଜରିମାନା ନେଲା ପୌରପାଳିକା



ରାସ୍ତା ଉପରେ ବାଲି ଗଦା ହୋଇଛି।

**ଅନୁଗୋଳ ଅଫିସ, ୧୮।୭**

ଘର ନିର୍ମାଣ ପାଇଁ ଜନୈକ ବ୍ୟକ୍ତି ରାସ୍ତା ଉପରେ ବିଭିନ୍ନ ସାମଗ୍ରୀ ଗଦାଇଥିବାରୁ ଅନୁଗୋଳ ସହରର ବଜାର ଛକ ରାସ୍ତାରେ ଗୁରୁବାର ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପୌର କର୍ତ୍ତୃପକ୍ଷ ଘଟଣା ସମ୍ପର୍କରେ ଅବଗତ ଥଲେ ବି ପଦକ୍ଷେପ ନ ନେବାରୁ ଏହାକୁ ନେଇ ସ୍ଥାନୀୟ ବ୍ୟବସାୟୀ ଓ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ବାଧ୍ୟ ହୋଇ ପୌରପାଳିକା କର୍ତ୍ତୃପକ୍ଷ ବିଳମ୍ବରେ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରିଥିଲେ।

ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟବସାୟୀଙ୍କ କହିବା ଅନୁଯାୟୀ, ବଜାର ଛକ ନିକଟରେ ଜନୈକ ବାହୁବଳୀ ବ୍ୟକ୍ତି ଘର ନିର୍ମାଣ କରୁଥିବାରୁ ୧୦୦ ମିଟର ରାସ୍ତା ଅବରୋଧ କରି ବାଲି, ଗୋଡି, ଇଟା, ସିମେଣ୍ଟ ଗଦେଇବା ସହ ନିର୍ମାଣ ସାମଗ୍ରୀ ଗୋଳା ମେଶିନ ରଖିଥିଲେ। ଏଥିଯୋଗୁ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳରେ ବାଧା ଉପୁଜିଥିଲା। ଏପରି କି ସେହି ରାସ୍ତା ଦେଇ ଆମ୍ବୁଲାନ୍ସ ମଧ୍ୟ ମେଡିକାଲ ମଧ୍ୟକୁ ଯାଇପାରି ନ ଥିଲା। ବ୍ୟବସାୟୀମାନେ ପୌରପାଳିକାକୁ ଏ ନେଇ ଖବର ଦେଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଜାଣି ନ ଜାଣିବା ବୋଲି ଅଭିନୟ କରିଥିଲେ। ପୌର ପ୍ରଶାସନ ଓ ପୋଲିସ ସହ ସମ୍ପୃକ୍ତ ବାହୁବଳୀଙ୍କ ଭଲ ସମ୍ପର୍କ ଥିବାରୁ ତାଙ୍କର କାହାକୁ ଭୟ ନ ଥିଲା। ଫଳରେ ଅନୁମତି ନ ଆଣି ମଧ୍ୟ ସେ ରାସ୍ତାକୁ ଅବରୋଧ କରିଥିଲେ। ଏ ନେଇ ବାରମ୍ବାର ଅଭିଯୋଗ ହେବା ପରେ ଶେଷରେ ପୌର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା କର୍ମଚାରୀଙ୍କୁ ଘଟଣା ସ୍ଥଳକୁ ପଠାଇବା ସହ ଜବରଦଖଲ କରିଥିବା ରାସ୍ତାରୁ ସମସ୍ତ ସାମଗ୍ରୀ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ସମ୍ପୃକ୍ତ ବାହୁବଳୀଙ୍କଠାରୁ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

■ପଚା ଅଦା ବିହନ ବାଣ୍ଟି ଟଙ୍କା ହଡ଼ପ ଉଦ୍ୟମ ଅଭିଯୋଗ

# ଯୋଗାଣକାରୀ ସଂସ୍ଥାକୁ ମିଳିବନି ଟଙ୍କା

**ପାଲଲହଡ଼ା, ୧୮।୭(ଡି.ଏନ.ଏ.)**



■ଜିଲାପାଳଙ୍କୁ ରିପୋର୍ଟ ଦେଲେ ଉପଜିଲାପାଳ
■ପୁନଃ ବିହନ ବଣ୍ଟନ ପାଇଁ ସୁପାରିସ
■୧୨ ଗାଁର ଚାଷୀଙ୍କୁ ବଣ୍ଟାଯାଇଥିଲା ୩୭ କୁଇଣ୍ଟାଲ

ପାଲଲହଡ଼ା ଉପଖଣ୍ଡରେ ପାଉଡି ଭୂଁୟାଙ୍କ ଉନ୍ନତି ପାଇଁ ଗଠନ କରାଯାଇଥିବା ପାଉଡି ଭୂଁୟା ଉନ୍ନୟନ ସଂସ୍ଥା (ପିବିଡିଏ) ପକ୍ଷରୁ ଆଦିବାସୀ ଚାଷୀଙ୍କୁ ପଚା ତଥା ନିମ୍ନମାନର ଅଦା ବିହନ ଯୋଗାଯାଇଥିବା ଅଭିଯୋଗ ହୋଇଛି। ଏ ବାବଦରେ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ଆସିବା ପରେ ଉପଜିଲାପାଳ ଅଜିତ କୁମାର ପ୍ରଧାନ ଯୋଗାଣ ହୋଇଥିବା ଅଦାର ନମୁନା ସଂଗ୍ରହ କରି ଏହାର ତଦନ୍ତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏହି ରିପୋର୍ଟ ଚିଠି ନଂ ୩୦୧୫/୧୭।୭।୨୦୧୯ରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ସଂସ୍ଥା ପକ୍ଷରୁ ଯୋଗାଣ କରାଯାଇଥିବା ଅଦା ବିହନରେ ୬୦ ଭାଗ ଅଦା ପଚା ଥିବା ଉଲ୍ଲେଖ କରାଯାଇଥିବାବେଳେ ଉକ୍ତ ସଂସ୍ଥାକୁ ଟଙ୍କା ନ ଦେବାକୁ ରିପୋର୍ଟରେ କୁହାଯାଇଛି। ପୁଣିଥରେ ଚାଷୀଙ୍କୁ ଉଚ୍ଚମାନର ବିହନ ଯୋଗାଣ ପାଇଁ ଉକ୍ତ ରିପୋର୍ଟରେ ସୁପାରିସ କରାଯାଇଛି।

ଅଭିଯୋଗ ଅନୁଯାୟୀ, ଉପଖଣ୍ଡରେ ରାଜ୍ୟ ଆଦିବାସୀ କଲ୍ୟାଣ ବିଭାଗର ଓପିଇଏଲଆଇପି ଯୋଜନାକୁ ଭୁବନେଶ୍ୱରର ଏକ ନିର୍ଦ୍ଦିଷ୍ଟ ସ୍ୱେଚ୍ଛାସେବୀ ସଙ୍ଗଠନ କାର୍ଯ୍ୟକାରୀ କରୁଛି। ଚଳିତ ବର୍ଷ ନାଗିରା, ବରଡ଼ିହ ଏବଂ ବନ୍ଧାଭୂଇଁ ପଞ୍ଚାୟତର ୧୨ଟି ଗାଁରେ ଚାଷ ପାଇଁ ଅଦା ବିହନ ବଣ୍ଟା ହେବ ପାଇଁ ସ୍ଥିର କରାଯାଇଥିବା ବେଳେ ପିବିଡିଏ କର୍ତ୍ତୃପକ୍ଷ ଏବଂ ଉକ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ ଏହାକୁ ସ୍ଥାନୀୟ ପରଚେଜ କମିଟିର ବିନା ଅନୁମୋଦନ ଓ ବିନା ଟେଣ୍ଡରରେ ଭୁବନେଶ୍ୱରର ଭଞ୍ଜପ୍ରଭା ନାମକ ଏକ ସଂସ୍ଥାକୁ ବିହନ ଯୋଗେଇବା ପାଇଁ କହିଥିଲେ। ପରେ ଉକ୍ତ ସଂସ୍ଥା ପକ୍ଷରୁ ଏହି ୧୨ ଗାଁରେ ଚାଷୀ ମାନଙ୍କୁ ୩୭ କୁଇଣ୍ଟାଲ ଅଦା ବିହନ ବଣ୍ଟନ କରାଯାଇଥିଲା। ଏହା ବାବଦକୁ ୫ ଲକ୍ଷ ୧୮ ହଜାର ଟଙ୍କାର ବିଲ୍ ପ୍ରସ୍ତୁତ କରାଯାଇଥିଲା। ତେବେ ବଣ୍ଟନ କରାଯାଇଥିବା ଅଦା ବିହନ ପଚା ବାହାରିବାରୁ ଚାଷୀମାନେ ପାଲଲହଡା ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

ଏ ସମ୍ପର୍କରେ ପିବିଡିଏ ସ୍ୱତନ୍ତ୍ର ଅଧିକାରୀ ଉଦିତ କୁମାର ପୁରୋହିତଙ୍କୁ ନମ୍ବର ୯୩୩୭୦୮୯୪୯୬ରେ ଫୋନ କରାଯାଇଥିଲେ ମଧ୍ୟ ଯୋଗାଯୋଗ ହୋଇ ନ ପାରିବାରୁ ମତାମତ ମିଳିପାରିନାହିଁ। ସେହିପରି ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରକଳ୍ପ ପରିଚାଳକ ରାଜେନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରେ ସେ କୌଣସି ମତାମତ ଦେବା ପାଇଁ ମନା କରିଦେଇଥିଲେ। ଉପଜିଲାପାଳ ପ୍ରଧାନ କହିଛନ୍ତି, ତଦନ୍ତ ବେଳେ ମୋତେ ସଂସ୍ଥା ପକ୍ଷରୁ କୌଣସି ସନ୍ତୋଷଜନକ ଦସ୍ତାବିଜ ଦିଆଯାଇ ନାହିଁ। ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିଦେଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ କହିଛନ୍ତି।

## ସଂକ୍ଷେପରେ

### ଭୂଷଳ ସରପଞ୍ଚ ନିଲମ୍ବିତ

**ଭୁବନ, ୧୮।୭(ଡି.ଏନ.ଏ.):** ସରକାରୀ ଅନୁଦାନ ହେରଫେର ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅନ୍ତର୍ଗତ ଭୂଷଳ ସରପଞ୍ଚ ଚିତ୍ତରଞ୍ଜନ ମଲ୍ଲିକ। ରାଜ୍ୟ ପଞ୍ଚାୟତିରାଜ ବିଭାଗ ଏବଂ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଆସିଥିବା ବିଭିନ୍ନ ସରକାରୀ ଅନୁଦାନକୁ ସରପଞ୍ଚ ମନଇଚ୍ଛା ବିନିଯୋଗ କରିଥିଲେ। ପଲ୍ଲିସଭା, ଗ୍ରାମସଭା, ପଞ୍ଚାୟତ ବୈଠକରେ ଖର୍ଚ୍ଚ ସଂକ୍ରାନ୍ତ ଆଲୋଚନା କରି ନ ଥିଲେ। ଏ ନେଇ ଜିଲାପାଳଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। ଉକ୍ତ ଅଭିଯୋଗ ଅନୁଯାୟୀ ରାଜ୍ୟ ପଞ୍ଚାୟତିରାଜ ବିଭାଗ ଏବଂ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୨୦୧୯ ଜୁଲାଇ ୭ ଏବଂ ଚିଠି ସଂଖ୍ୟା ୧୧୮୧୨ରେ ତାଙ୍କୁ ନିଲମ୍ବିତ କରାଯାଇଛି। ହେଲେ ଗୁରୁବାର ଅପରାହ୍ନ ସୁଦ୍ଧା ଉକ୍ତ ନିଲମ୍ବନ ପତ୍ରକୁ ସରପଞ୍ଚ ଗ୍ରହଣ କରି ନ ଥିବା ବିଡିଓ ରାମଚନ୍ଦ୍ର ସୋରେନ୍ ସୂଚନା ଦେଇଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ

**କାମାକ୍ଷାନଗର, ୧୮।୭(ଡି.ଏନ.ଏ.):** କାମାକ୍ଷାନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଗିରଫ ହୋଇଛନ୍ତି ସଞ୍ଜୟ ଦେହୁରୀ (୨୮)। ଏ ନେଇ ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗକ୍ରମେ ନଂ. ୧୨୭/୧୯, ଦଫା ୩୭୬(୨) (ଆଇ) ୪, ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗତ ଜୁନ୍ ୨୨ରେ ନାବାଳିକାଙ୍କ ବାପା କୌଣସି କାମରେ ବାହାରକୁ ଯାଇଥିଲେ। ମା' ଗାଧୋଇବାକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗରେ ସଞ୍ଜୟ ଘରେ ପଶି ବଳାତ୍କାର କରିଥିଲେ। ଘଟଣା ପରେ ଅଭିଯୁକ୍ତ ଫେରାର ଥିଲେ। ଥାନାଧିକାରୀ ନିରଞ୍ଜନ ସେଠୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢ଼ାଉ କରି ସଞ୍ଜୟଙ୍କୁ ଗିରଫ କରିଛନ୍ତି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

**ଏଣ୍ଡାଓମେଣ୍ଟ କମିଶନଙ୍କ ନିଷ୍ପତ୍ତି**

### କପିଳାସ ପୀଠରେ କାଉଡ଼ିଆଙ୍କଠାରୁ ଆଦାୟ ହେବ ୫ଟଙ୍କା ମାହାସୁଲ

**ଢେଙ୍କାନାଳ ଅଫିସ, ୧୮।୭:** ଶ୍ରାବଣ ମାସର ପ୍ରଥମ ସୋମବାରଠାରୁ କପିଳାସ ପୀଠକୁ ଜଳଲାଗି ପାଇଁ ଆସୁଥିବା କାଉଡ଼ିଆଙ୍କଠାରୁ ୫ ଟଙ୍କା ଲେଖାଏ ମାହାସୁଲ ଆଦାୟ କରାଯିବ ବୋଲି ରାଜ୍ୟ ସରକାରଙ୍କ ଏଣ୍ଡାଓମେଣ୍ଟ କମିଶନ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଜିଲା ଦେବୋତ୍ତର ବିଭାଗକୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଏଥିପୂର୍ବରୁ କପିଳାସ ପୀଠରେ ଶ୍ରାବଣ ଜଳଲାଗି ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କାଉଡ଼ିଆଙ୍କଠାରୁ ମାହାସୁଲ ଆଦାୟ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ଏଣ୍ଡାଓମେଣ୍ଟ କମିଶନଙ୍କ ନିର୍ଦ୍ଦେଶ ପରେ ମାହାସୁଲ ଆଦାୟ କରାଯିବ ବୋଲି ଆପାତତଃ ସ୍ପଷ୍ଟ ହୋଇଛି। ଦେବୋତ୍ତର ବିଭାଗ ପକ୍ଷରୁ ମାହାସୁଲ ଆଦାୟ କାର୍ଯ୍ୟରେ କର୍ମଚାରୀ ନିୟୋଜିତ ହେବେ। କାଉଡ଼ିଆଙ୍କୁ ପୀଠରେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାକୁ ଉକ୍ତ ପତ୍ରରେ ନିର୍ଦ୍ଦେଶ ରହିଥିବା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ସୂଚନା ଦେଇଛନ୍ତି।

### କଳାବ୍ୟାଜ୍ ପିନ୍ଧି ଖବରଦାତାଙ୍କ ପ୍ରତିବାଦ

**ଢେଙ୍କାନାଳ ଅଫିସ, ୧୮।୭:** କେନ୍ଦ୍ରାପଡ଼ା ଏସ୍‌ପି ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ଢେଙ୍କାନାଳ ଜିଲା ଶାଖା। କର୍ମକର୍ତ୍ତାମାନେ କଳାବ୍ୟାଜ ପିନ୍ଧି ଅଭିଯୁକ୍ତ ଏସ୍‌ପିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଶାଖା ଟ୍ରିବୁନାଲ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ରଥ, ଉପଦେଷ୍ଟା ଶଶିମୌଳି ରଥ, ସଭାପତି ଶିଶିର କୁମାର ଶତପଥୀ, ଉପସଭାପତି ରାଜଶ୍ରୀ ଶତପଥୀ, ସାଧାରଣ ସମ୍ପାଦକ ସତ୍ୟସ୍ୱରୂପ ଦାସ, ସମ୍ପାଦକ ବିନୋଦ ମହାନ୍ତି, ସାଂସ୍କୃତିକ ସମ୍ପାଦକ ଅରବିନ୍ଦ ସାହୁ, ଆଶିଷ ଶତପଥୀ ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ଜିଲାରେ କାର୍ଯ୍ୟରତ ଖବରଦାତାଙ୍କ ସୁରକ୍ଷା ସମ୍ପର୍କରେ କାର୍ଯ୍ୟକର୍ତ୍ତାମାନେ ଆଲୋଚନା କରିଛନ୍ତି।

■ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି

# କଳ୍ପନାଙ୍କ ସ୍ମୃତିରେ ଦିଆଯିବ ପୁରସ୍କାର

■ଚାରାରୋପଣ, ଆଲୋକସଜ୍ଜା ଉପରେ ଗୁରୁତ୍ୱ

■ସମ୍ବର୍ଦ୍ଧିତ ହେବେ ଶହୀଦ ଅଜିତ ସାହୁଙ୍କ ପରିବାର

**ଢେଙ୍କାନାଳ ଅଫିସ, ୧୮।୭**



ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀ।

ସ୍ୱାଧୀନତା ଦିବସ ପାଇଁ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଏ ନେଇ ଗୁରୁବାର ଅପରାହ୍ନ ୪ଟାରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରି ଏହି ଜାତୀୟ ଦିବସକୁ ଆଡ଼ମ୍ବର ସହକାରେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଚଳିତବର୍ଷ ଏଭରେଷ୍ଟ ବିଜୟିନୀ କଳ୍ପନା ଦାସଙ୍କ ସ୍ମୃତିରେ ପୁରସ୍କାର ପ୍ରଦାନ କରାଯିବ। ଏଥିଲାଗି କମିଟି ଗଠିତ ହୋଇଛି। ସେହିପରି ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା କାମାକ୍ଷାନଗର ବଡ଼ସୁଆଁଳ ଗ୍ରାମର ଅଜିତ ସାହୁଙ୍କ ପରିବାରକୁ ସମ୍ବର୍ଦ୍ଧିତ କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରତ୍ୟୁଷରୁ ରାମଧୁନ, ପ୍ରଭାତଫେରି ଆୟୋଜିତ ହେବ। ସକାଳ ସାଢ଼େ ୭ଟାରେ ସରକାରୀ ବେସରକାରୀ କାର୍ଯ୍ୟାଳୟ, ବାଣିଜ୍ୟିକ ପ୍ରତିଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସାଢ଼େ ୮ଟାରେ ସହରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ୯ଟା ୧୫ରେ ଷ୍ଟାଡିୟମ୍‌ରେ ଆୟୋଜିତ ଜିଲାସ୍ତରୀୟ ପରେଡ୍‌ରେ ପତାକା ଉତ୍ତୋଳନ କରିବାକୁ ସମୟ ନିର୍ଘଣ୍ଟ ସ୍ଥିର କରାଯାଇଛି। ଏଥିସହ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ, ରକ୍ତଦାନ ଶିବିର, ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଜେଲ, ବୃଦ୍ଧାଶ୍ରମ, ଅନାଥାଶ୍ରମ, ଶିଶୁଗୃହ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯିବ। ସହରର ବିଭିନ୍ନ ସ୍ଥାନରେ ଚାରାରୋପଣ ହେବ। ଜାତୀୟ ଦିବସକୁ ଅଧିକ ଆକର୍ଷଣୀୟ କରିବାକୁ ସମସ୍ତ ସରକାରୀ, ବେସରକାରୀ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକରେ ଆଲୋକ ସାଜସଜ୍ଜା ହେବ। ଅପରାହ୍ନ ୪ଟାରେ ଷ୍ଟାଡିୟମ୍‌ରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଖେଳାଯିବ। ସନ୍ଧ୍ୟା ୬ଟାରେ ଗୋପବନ୍ଧୁ ଟାଉନ୍ ହଲରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ଅଗଷ୍ଟ ୧୧, ୧୨ ଓ ୧୩ ତାରିଖ ପୂର୍ବାହ୍ନ ୮ଟାରେ ଷ୍ଟାଡିୟମ୍‌ରେ ଅଭ୍ୟାସ ପରେଡ କରାଯିବାକୁ ସ୍ଥିର କରାଯାଇଛି।

ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ ବିବରଣୀ ପାଠ କରିଥିଲେ। ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିଡି ଡିଆରଡିଏ ନରୋତ୍ତମ ବେହେରା, ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ପୋଲିସ ଅଧିକାରୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବିବି ହାଇସ୍କୁଲ, ସୂଚନାକେନ୍ଦ୍ରରେ ହେବ ପ୍ରତିଯୋଗିତା

ସ୍ୱାଧୀନତା ଦିବସ ଉପଲକ୍ଷେ ଅଗଷ୍ଟ ୧ରେ ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ବକ୍ତୃତା, ୨ରେ ଦେଶାତ୍ମବୋଧକ ସଙ୍ଗୀତ ଏବଂ ୩ ତାରିଖରେ ଗୋଷ୍ଠୀ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହେବ। ସମାନ ଦିବସରେ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ସୂଚନାକେନ୍ଦ୍ର ପରିସରରେ ଅନୁଷ୍ଠିତ ହେବ। ସେହିପରି ୫ ତାରିଖରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ସମ୍ପୃକ୍ତ ବିଦ୍ୟାଳୟରେ କରାଯିବ।

# ଅଗଷ୍ଟ ୮ ମଧ୍ୟରେ ତଥ୍ୟ ମାଗିଲେ ହାଇକୋର୍ଟ

## ସ୍ୟାଟ୍ ଉଚ୍ଛେଦ ମାମଲା

**କଟକ ଅଫିସ,୧୮।୭**



ସ୍ୟାଟ୍ ଉଚ୍ଛେଦ ମାମଲା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟତଃ ସ୍ୟାଟ୍‌ରେ ନିଯୁକ୍ତି ସଂକ୍ରାନ୍ତରେ ସରକାର କ'ଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ସେ ସମ୍ପର୍କିତ ତଥ୍ୟ ଅଗଷ୍ଟ ୮ ତାରିଖ ମଧ୍ୟରେ ହାଇକୋର୍ଟଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର ଏବଂ କଟକ ସ୍ୟାଟ୍ ବାର୍ ଆସୋସିଏଶନ୍ ପକ୍ଷରୁ ଗୁରୁବାର ଆଗତ ଏହି ମାମଲାର ଶୁଣାଣି ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏବଂ ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ହୋଇଥିଲା। ସ୍ୟାଟ୍ ଉଚ୍ଛେଦ ନେଇ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିବା ପରେ ଏହି ମାମଲା ରୁଜୁ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ବୁଦ୍ଧଦେବ ରାଉତରାୟ ଯୁକ୍ତି ଦର୍ଶାଇଥିଲେ ଯେ, ସ୍ୟାଟ୍ ଉଚ୍ଛେଦ ନେଇ ଉଭୟ କେନ୍ଦ୍ର କିମ୍ବା ରାଜ୍ୟ ସରକାର କୌଣସି ନିଷ୍ପତ୍ତି ଗ୍ରହଣ କରିପାରିବେ ନାହିଁ। କାରଣ ଏହା ତାଙ୍କ କ୍ଷମତା ପରିସର ବାହାରେ। ତେଣୁ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେବା ସମ୍ପୂର୍ଣ୍ଣ ବେଆଇନ। ଦ୍ୱିତୀୟତଃ ଏଭଳି ନିଷ୍ପତ୍ତି ନେବା ପରେ ସ୍ୟାଟ୍‌ରେ ବିଭିନ୍ନ ପଦବୀ ପୂରଣ ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ନିଯୁକ୍ତି ନ ହେବା ଦ୍ୱାରା ଅନେକ ପଦବୀ ଫାଙ୍କା ପଡ଼ିଛି। ସାମ୍ପ୍ରତିକ ଅବସ୍ଥାରେ ସ୍ୟାଟ୍‌ରେ ୭୦ହଜାର ମାମଲା ବିଚାର ନ ହୋଇ ପଡ଼ି ରହିଥିବା ଆଡଭୋକେଟ ରାଉତରାୟ ଦର୍ଶାଇଥିଲେ।

■କାମାକ୍ଷାନଗରରେ ନୀତି ଆୟୋଗ ସଦସ୍ୟ

# ଶିକ୍ଷା, ବିଦ୍ୟୁତ୍ ବ୍ୟବସ୍ଥା ସ୍ଥିତି ପରଖିଲେ



**କାମାକ୍ଷାନଗର, ୧୮।୭(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଅଞ୍ଚଳକୁ ଗୁରୁବାର ପରିଦର୍ଶନରେ ଆସିଥିଲେ ନୀତି ଆୟୋଗ ସଦସ୍ୟା ମାନ୍‌ସୀ ସିଂ। ଏହି ଅବସରରେ ସେ ବିଭିନ୍ନ ପ୍ରକଳ୍ପ, ରାସ୍ତା ଏବଂ ଶିକ୍ଷା ବ୍ୟବସ୍ଥା ଭିତ୍ତିଭୂମି ବୁଲି ଦେଖିଥିଲେ।

ମାନସୀ ସିଂ ପ୍ରଥମେ କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ସ୍କୁଲର ସଫଳତା, ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ନବନିର୍ମିତ ଅଟଳ ଟିଙ୍କରିଙ୍ଗ୍ ଲ୍ୟାବ ବୁଲି ଦେଖିଥିଲେ। ଲବୋରେଟୋରିରେ ଛାତ୍ରୀଛାତ୍ରଙ୍କ ବ୍ୟାବହାରିକ ଜ୍ଞାନକୁ ଅନୁଧ୍ୟାନ କରିଥିଲେ। ପିଲାଙ୍କ ସହ ସ୍ୱଳ୍ପ ସମୟ ଭାବ ବିନିମୟ କରି ସେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାପରେ ଜିରିଡ଼ାମାଳି ଗସ୍ତ କରି ବିଦ୍ୟୁତ୍ ବିଭାଗ ଦ୍ୱାରା ନବନିର୍ମିତ ପାୱାର ଗ୍ରୀଡ୍ ଦେଖିଥିଲେ। ଏହାର ଉପଯୋଗିତା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପୁଙ୍ଖାନୁପୁଙ୍ଖ ପଚାରି ବୁଝିଥିଲେ। ଶେଷରେ କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ଼ ଗସ୍ତ କରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନୁଦାନରେ ନିର୍ମିତ ରାସ୍ତା ପରିଦର୍ଶନ କରିଥିଲେ।

ଅଧିକାରୀଙ୍କ ଏହି ଗସ୍ତ ସମୟରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟକ୍ରମ ଅଧିକାରୀ ବି. ମୋହନ ରାଓ, ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ଅଧିକାରୀ ପ୍ରଜ୍ଞାପାରମିତା ଦାସ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ନଳିନୀଶଙ୍କର ରଥ, ସରପଞ୍ଚ ଚିତ୍ତରଞ୍ଜନ ସେଠୀ, ହାଇସ୍କୁଲ ପରିଚାଳନା କମିଟି ସଭାପତି ସତ୍ୟଜିତ୍ ରାଉତ, ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ନେଲ୍‌ସନ ମଣ୍ଡେଲା ଦିବସ ପାଳିତ

**ଢେଙ୍କାନାଳ ଅଫିସ, ୧୮।୭**

ଢେଙ୍କାନାଳ ରଥଗଡ଼ାସ୍ଥିତ ଉଫୁନା କାର୍ଯ୍ୟାଳୟରେ ଗୁରୁବାର ଅନ୍ତର୍ଜାତୀୟ ନେଲ୍‌ସନ ମଣ୍ଡେଲା ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରି କହିଲେ, ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ନୀତି ବିରୋଧରେ ମଣ୍ଡେଲାଙ୍କ ସଂଗ୍ରାମ ଅବିସ୍ମରଣୀୟ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନୋବେଲ ବିଜେତା ହୋଇପାରିଥିଲେ। ଏଭଳି ଯୋଗଜନ୍ମା ବ୍ୟକ୍ତିତ୍ୱ ସବୁବେଳେ ମନେରହିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ପରିବେଶବିତ୍ ଉପେନ୍ଦ୍ର ରାଉତ, ଶିକ୍ଷାବିତ୍ ଦୈତାରୀ ପରିଡ଼ା କହିଲେ, ମାନବାଧିକାର ସୁରକ୍ଷା ଦିଗରେ ମାଣ୍ଡେଲାଙ୍କ ଅବଦାନ ତାଙ୍କୁ ବିଶ୍ୱବିଦିତ କରିପାରିଥିଲା। ଅନୁଷ୍ଠାନର ରାଜ୍ୟ ସମ୍ପାଦକ କବି ବାହାଦୁର ପାଟସାହାଣୀ, ମହାସଚିବ ଦୀପାୟନ ପଟ୍ଟନାୟକ, ଅକ୍ଷୟ ଶଥପଥୀ, ପ୍ରଫେସର ଦିଲୀପ ନନ୍ଦ, ପୂର୍ବତନ ବିଚାରପତି ପ୍ରଭାତ ସାହୁ, ଆଇନଜୀବୀ ଦମୟନ୍ତୀ ମହାନ୍ତି, ଶିଶିର ରାଉତ, ବିଚିତ୍ରାନନ୍ଦ ମହାନ୍ତି, ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

■ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ

# ସାମିଲ ହେଲେ ୧୦୦ ସଭ୍ୟ



କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତାମାନେ।

**ଭୁବନ, ୧୮।୭(ଡି.ଏନ.ଏ.)**

ଭୁବନ ବ୍ଲକ ଅନ୍ତର୍ଗତ କଣପାଳ ମହୁଲପାଳରେ ଭାଜପା ପକ୍ଷରୁ ଗୁରୁବାରଠାରୁ ଆରମ୍ଭ ହୋଇଛି ସଦସ୍ୟତା ଅଭିଯାନ। ପ୍ରଥମ ଦିବସରେ ୧୦୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ଗ୍ରହଣ କରାଯାଇଛି। ଏହି ଅଭିଯାନ ଜୁଲାଇ ୩୧ ଯାଏ ଚାଲିବ ବୋଲି କାର୍ଯ୍ୟକାରିଣୀ କମିଟି ସଦସ୍ୟ ଶତ୍ରୁଘ୍ନ ଜେନା କହିଛନ୍ତି। ଏହି ଅବସରରେ ଆୟୋଜିତ ସାଙ୍ଗଠନିକ ବୈଠକରେ ମଣ୍ଡଳ ସଭାପତି ବେଣୁଧର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସଦସ୍ୟତା ପ୍ରମୁଖ ଚୈତନ୍ୟ ବେହେରା, ସହ ପ୍ରମୁଖ ପତିତପାବନ ଦେହୁରୀ, ପଞ୍ଚାୟତ ବିସ୍ତାରକ ରଞ୍ଜନ କୁମାର ରାଉତ, ଜିତେନ୍ଦ୍ର ଦତ୍ତ, ନବକିଶୋର ବେହେରା, କମଳ ମିଶ୍ର, ତରଙ୍ଗ ମଲ୍ଲିକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସଙ୍ଗଠନକୁ ସୁଦୃଢ଼ କରିବାକୁ ମତ ଦେଇଥିଲେ। ଶେଷରେ ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ସ୍ମୃତିପୀଠରେ ଚାରାରୋପଣ କରାଯାଇଥିଲା।

# କୁଲେଇରେ ଚୋର ଆତଙ୍କ

■୩ ଦିନରେ ୩ ଘରେ ବୁଲାଇଲେ କଳାକନା

■ସ୍ଥାନୀୟ ଅଞ୍ଚଳର ଯୁବକଙ୍କ ସମ୍ପୃକ୍ତି ସନ୍ଦେହ

**ପରଜଙ୍ଗ, ୧୮।୭(ଡି.ଏନ.ଏ.)**

ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ କୁଲେଇ ଗ୍ରାମରେ ଚୋରଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ୩ଦିନ ମଧ୍ୟରେ ୩ ଜଣଙ୍କ ଘରୁ କଳାକନା ବୁଲାଇ ସାରିଲେଣି ଦୁର୍ବୃତ୍ତ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଏ ନେଇ ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ପାରିନାହିଁ। ଏଥିରେ ସ୍ଥାନୀୟ ଅଞ୍ଚଳର ଯୁବକଙ୍କ ହାତ ଥିବା ସନ୍ଦେହ କରାଯାଉଛି।

ସୋମବାର ବିଳମ୍ବିତ ରାତିରେ ରାମ ମଲ୍ଲିକଙ୍କ ଘରେ ଚୋରମାନେ ପଶି ନଗଦ ଟଙ୍କା ନେଇ ପଳାଇଛନ୍ତି। ମଙ୍ଗଳବାର ଗୋପାଳସାହିର ଉମେଶ ଚନ୍ଦ୍ର ଭୂତିଆଙ୍କ ଘରେ ୪ଜଣ ପଶିଥିଲେ। ଶବ୍ଦ ଶୁଣି ପରିବାର ଲୋକେ ଉଠିପଡ଼ିଥିଲେ। ଅଭିଯୁକ୍ତମାନେ ଭୁଜାଲି ଦେଖାଇ ପରିବାର ସଦସ୍ୟଙ୍କୁ ଭୟଭୀତ କରି ଏଲ୍‌ଇଡି ଟିଭି, ସୁନା କାନଫୁଲ, ଟଙ୍କା, ମୋବାଇଲ ଫୋନ୍ ନେଇ ଫେରାର ହୋଇଯାଇଥିଲେ। ସେହିପରି ବୁଧବାର ରାତିରେ ପାତ୍ର ସାହିର ନରେନ୍ଦ୍ର କୁମାର ଜେନାଙ୍କ ଘରେ ଚୋର ପଶିଥିଲେ। ନରେନ୍ଦ୍ରଙ୍କ ବିଧବା ସ୍ତ୍ରୀ ଗୋଲାପ ଜେନା, ଝିଅ ଶୁଭଶ୍ରୀ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଗ୍ରୀଲ୍ ତାଡ଼ି ଏଲ୍‌ଇଡି ଟିଭି, ଫ୍ୟାନ, ଗ୍ୟାସ୍ ସିଲିଣ୍ଡର, ମୋବାଇଲ ନେଇଯାଇଛନ୍ତି। ଭୋର୍ ୩ଟାରେ ମା'ଝିଅ ପରିସ୍ରା କରିବାକୁ ଉଠିଥିବାବେଳେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଗୋଲାପଙ୍କ ପୁତୁରା ବିପିନ ଜେନା ଉକ୍ତ ମୋବାଇଲକୁ କଲ୍ କରିଥିବାବେଳେ କେହି ଜଣେ ଫୋନ୍ ଉଠାଇ ଗେଙ୍ଗୁଟିଆ ଝରାସାହି ବର ଗଛ ନିକଟକୁ ଆସିବାକୁ କହିଥିଲେ। ହେଲେ ସେଠାରେ ପହଞ୍ଚିବା ବେଳକୁ କେହି ନ ଥିଲେ। ପୁଣି ଥରେ ଫୋନ୍ କରିବାରୁ ଗାଁ ନିକଟ କାଳିଆ ଫାର୍ମ ପାଖରେ ଥିବା କହିଥିଲେ। ସେଠାକୁ ଯିବାବେଳେ ମଧ୍ୟ କେହି ନ ଥିଲେ। ଏ ନେଇ ବିପିନ ଗୁରୁବାର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ସମରଜିତ ନାୟକ କୁହନ୍ତି, ଅଭିଯୋଗ ପରେ ଘଟଣାର ତଦନ୍ତ କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

■ତାତିଲେ ମରୁଡ଼ି ବୀମା ଟଙ୍କାରୁ ବଞ୍ଚିତ ଚାଷୀ

# ବ୍ୟାଙ୍କ ସମ୍ମୁଖରେ ଧାରଣାଦେବାକୁ ଚେତାବନୀ

■୨୦୮ ହିତାଧିକାରୀଙ୍କୁ ମିଳିନି

■ପ୍ରଶାସନକୁ ୭ଦିନ ସମୟ

■ଦାବିପତ୍ର ଦେଇ କ୍ଷୋଭ ଜଣାଇଲେ

**ପରଜଙ୍ଗ, ୧୮।୭(ଡି.ଏନ.ଏ.)**


ଚାଷୀମାନେ ବ୍ୟାଙ୍କ ଶାଖା ପରିଚାଳକଙ୍କ ସହ ଆଲୋଚନା କରୁଛନ୍ତି।

ଢେଙ୍କାନାଳ ଜିଲା ପରଜଙ୍ଗସ୍ଥିତ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ଆନୁକୂଲ୍ୟରେ ଋଣ ନେଇଥିବା ୨୦୮ ଚାଷୀ ମରୁଡ଼ି ବୀମା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ବାରମ୍ବାର ଦାବିସତ୍ତ୍ୱେ ବୀମା କମ୍ପାନୀ ସେମାନଙ୍କ କଥା ଶୁଣୁନାହିଁ। ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଏ ନେଇ ସେମାନେ ଗୁରୁବାର ସ୍ଥାନୀୟ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଦାବିପତ୍ର ଦେଇଛନ୍ତି। ୭ଦିନ ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ବ୍ୟାଙ୍କ ସମ୍ମୁଖରେ ଧାରଣାରେ ବସିବାକୁ ଚାଷୀମାନେ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ପରଜଙ୍ଗ ଶାଖା ଅଧୀନରେ ଥିବା ୧୦ ସୋସାଇଟିର ଶତାଧିକ ଚାଷୀ ୨୦୧୭ରେ ଋଣ ନେଇଥିଲେ। ମରୁଡ଼ି ସହାୟତା ଲାଗି ସୋସାଇଟି ଜରିଆରେ ସେମାନେ ଟାଟା ଏଆଇଜି ଏବଂ ରୟାଲ୍ ସୁନ୍ଦରମ୍ ଇନ୍‌ସ୍ୟୁରାନ୍ସ କମ୍ପାନୀରେ ବୀମା କରିଥିଲେ। ସେହିବର୍ଷ ବର୍ଷା ଅଭାବରୁ ସରକାର ଅଞ୍ଚଳକୁ ମରୁଡ଼ି ଘୋଷଣା କରିଥିଲେ। ଏହାପରେ ଅଧିକାଂଶ ଚାଷୀ ବୀମା ଟଙ୍କା ପାଇଛନ୍ତି। ହେଲେ ବିଭାଗୀୟ ତ୍ରୁଟିରୁ କୁମୁସୀ ସୋସାଇଟିର ୧୨୫, ବାରିହାପୁରର ୪୫, ପରଜଙ୍ଗର ୨୦, ପଙ୍ଗୀତୀରାର ୧୪, କୁଆଳୋର ୪ ଜଣ ହିତାଧିକାରୀଙ୍କ ଲକ୍ଷାଧିକ ବୀମା ଟଙ୍କା ପଡ଼ିରହିଛି। ସମ୍ପୃକ୍ତ ଚାଷୀମାନେ ଚଳିତ ବର୍ଷ ପାଇଁ ବୀମା ଟଙ୍କା ପୈଠ କରିସାରିଥିବାବେଳେ ପୁରୁଣା ଇନ୍‌ସ୍ୟୁରାନ୍ସ ଟଙ୍କା ଏ ଯାଏ ମିଳିନାହିଁ। ବୀମା ଟଙ୍କାରୁ ବଞ୍ଚିତ ଚାଷୀମାନେ ଏ ନେଇ ୨୦୧୮ ଡିସେମ୍ବର ୨୪ରେ ତତ୍କାଳୀନ ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇଥିଲେ। ହେଲେ ଏ ଯାଏ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ମନୋଜ ଦଳବେହେରା, ସୁଶାନ୍ତ ଦଳବେହେରା, ପ୍ରତାପ ସାହୁ, କାଠି ଦାସ, ନରୋତ୍ତମ ନାୟକ, ଅଦ୍ୱୈତ୍ୟ ସାହୁ ପ୍ରମୁଖ କହିଛନ୍ତି। ୭ଦିନ ମଧ୍ୟରେ ବୀମା ଟଙ୍କା ନ ମିଳିଲେ ଶୁକ୍ରବାରଠାରୁ ବ୍ୟାଙ୍କ ସମ୍ମୁଖରେ ଧାରଣାରେ ବସିବାକୁ ଚାଷୀମାନେ ଲିଖିତ ଆକାରରେ ଜଣାଇଛନ୍ତି।

ଏ ସଂକ୍ରାନ୍ତରେ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ବସନ୍ତ କୁମାର ପ୍ରଧାନ କୁହନ୍ତି, ବାରମ୍ବାର ଇନ୍‌ସ୍ୟୁରାନ୍ସ କମ୍ପାନୀ ଏବଂ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଚାଷୀଙ୍କ ବୀମା ଟଙ୍କା ନ ମିଳିବା ନେଇ ଅବଗତ କରାଯାଇଛି। ଏବେ ସୁଦ୍ଧା ୨୦୮ ଋଣୀ ଚାଷୀ ଟଙ୍କା ପାଇନାହାନ୍ତି। ଚାଷୀଙ୍କ ଦାବି ସମ୍ପର୍କରେ ଆଉଥରେ ଅବଗତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଜବତ ଟ୍ରକ୍ ପଛରେ ପିଟିଲା ହାଇୱା

## ଦୁର୍ଘଟଣା ସତ୍ତ୍ୱେ ଚେତୁନି ପୋଲିସ



ପରଜଙ୍ଗ, ୧୮।୭(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସମ୍ମୁଖରେ ବୁଧବାର ରାତିରେ ଦୁର୍ଘଟଣା ଘଟିଛି। କୋଇଲା ଚୋରାଚାଲାଣ ବେଳେ ଧରାପଡ଼ିଥିବା ୧୨ ଚକିଆ ଟ୍ରକ୍ (ଓଡ଼ି ୩୫ ୮୨୮୨)କୁ ଏକ ହାଇୱା (ଓଡ଼ି ୦୪ ଏମ୍ ୪୫୭୬) ଧକ୍କା ଦେଇଛି। ଏଥିରେ ହାଇୱାର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ କୋଇଲା ଚୋରା ଚାଲାଣ ଅଭିଯୋଗରେ ଟ୍ରକ୍‌କୁ ପୋଲିସ ଜବତ କରି ଥାନା ସମ୍ମୁଖରେ ରଖିଥିଲା। ଉକ୍ତ ସ୍ଥାନଟି ସମ୍ପୂର୍ଣ୍ଣ ଅନ୍ଧକାର ଏବଂ ଏହାର ନିକଟରେ ବୁଲାଣି ରାସ୍ତା ରହିଛି। ତେବେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଟ୍ରକ୍ ଥିବା ସମ୍ପର୍କରେ କୌଣସି ସୂଚନା ଫଳକ ଲଗାଯାଇ ନ ଥିଲା। ବୁଧବାର ରାତିରେ ପରଜଙ୍ଗ ବଜାରରୁ ଭାଲୁମୁଣ୍ଡା ଆଡ଼ରୁ ହାଇୱା ଯାଉଥିବାବେଳେ ଟ୍ରକ୍ ପଛକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇବା ପରେ ପୋଲିସ ହାଇୱାକୁ ଜବତ କରିନାହିଁ କିମ୍ବା ଟ୍ରକ୍‌କୁ ଥାନା ଭିତରକୁ ସ୍ଥାନାନ୍ତର କରିନାହିଁ। ଫଳରେ ଆଗକୁ ଏପରି ଦୁର୍ଘଟଣା ଘଟିବା ଆଶଙ୍କା ଦେଖାଦେଇଛି। ଏ ନେଇ ଥାନାଧିକାରୀ ଆନନ୍ଦ ଡୁଙ୍ଗ୍‌ଡୁଙ୍ଗ୍‌ଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବପର ହୋଇନାହିଁ।

# ଟୁକୁଡ଼ା-ମଝିକା ରାସ୍ତା ସମ୍ପ୍ରସାରଣ ଦାବି

ଛେଣ୍ଡିପଦା,୧୮।୭(ଡି.ଏନ.ଏ.)



ଅନୁଗୋଳ ଜିଲା ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀନ ଟୁକୁଡା-ମଝିକା ରାସ୍ତା ସମ୍ପ୍ରସାରଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ପ୍ରାୟ ୨୫ କିମି ବିଶିଷ୍ଟ ଏହି ରାସ୍ତା ଉପରେ ଟୁକୁଡା, ସଦାନନ୍ଦପୁର, ଓଡ଼କପା, ଜାମୁଣ୍ଡା, ଜାମୁଣ୍ଡା ଜଙ୍ଗଲ, ବଡକେରେଜାଙ୍ଗ, ବଡକେରେଜାଙ୍ଗ ଜଙ୍ଗଲ, ଜରଡା, ପାରିପରା, ସାନକେରେଜାଙ୍ଗ, ଗୋଳାବନ୍ଧ, ବେଣାଗାଡିଆ, ମଝିକା ଆଦି ଗ୍ରାମର ଲୋକେ ନିର୍ଭରଶୀଳ। ଏଥିସହ ଜରପଡା, ଆଠମଲ୍ଲିକ, ଜରାସିଙ୍ଗା, କୁମଣ୍ଡ, ଅନୁଗୋଳ ଅଞ୍ଚଳର ଲୋକେ ମଧ୍ୟ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ଅନୁଗୋଳ ଜିଲାର ଏହା ଏକ ମୁଖ୍ୟ ଗ୍ରାମାଞ୍ଚଳ ରାସ୍ତା। ଏହାର ସମ୍ପ୍ରସାରଣ ହେଉ ନ ଥିବାରୁ ଯିବାଆସିବାରେ ଅସୁବିଧା ହେଉଛି। ଉଭୟ ବ୍ଲକ ସଦର ମହକୁମା ଏବଂ ଜିଲା ସଦର ମହକୁମାକୁ ସଂଯୋଗ କରୁଥିବା ଏହି ରାସ୍ତା ଦେଇ ଶିଳ୍ପାଞ୍ଚଳର ଶ୍ରମିକ, କର୍ମଚାରୀମାନେ ଯାତାୟାତ କରିଥାନ୍ତି। ତେଣୁ ଏହାର ଉନ୍ନତୀକରଣ ସହ ସମ୍ପ୍ରସାରଣର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ଏହି ରାସ୍ତାର ଜାମୁଣ୍ଡା ଜଙ୍ଗଲ ଓ ବଡକେରେଜାଙ୍ଗ ଗ୍ରାମ ମଧ୍ୟରେ ଥିବା ପ୍ରାୟ ୨ କିମି ରାସ୍ତାକୁ ଏକ ପ୍ରମୁଖ କମ୍ପାନୀ ଅଧିଗ୍ରହଣ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏପରି ହେଲେ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହେବା ନେଇ ଅଶାଙ୍କା ଉପୁଜିଛି। ତୁରନ୍ତ ଗ୍ରାମ୍ୟ ନିର୍ମାଣ ବିଭାଗରୁ ଅନୁଗୋଳ ପୂର୍ବ ବିଭାଗ (ଆରଆଣ୍ଡବି) ଅଧୀନକୁ ହସ୍ତାନ୍ତର କରାଯିବା ସହ ରାସ୍ତା ସମ୍ପ୍ରସାରଣ କରାଯିବାକୁ ଦାବି ହୋଇଛି।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଛେଣ୍ଡିପଦା,୧୮।୭(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ନୂଆଗାଁ ପଞ୍ଚାୟତ ତେଲିସାହି ଗ୍ରାମରେ ଗୁରୁବାର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଗୁରୁବାର ଭୋର ପ୍ରାୟ ୪ଟାବେଳେ ଚୈତନ୍ୟ ଚନ୍ଦନଙ୍କ ସ୍ତ୍ରୀ ପୁତୁକୁନି ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନା ନେବା ପରିବର୍ତ୍ତେ ଜଣେ ଗୁଣିଆଙ୍କ ନିକଟକୁ ନେଇ ଝଡ଼ାଫୁଙ୍କା କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।




## ମହିଷାପାଟ ସେବାଶ୍ରମ ସ୍କୁଲରେ ବିଦ୍ୟୁତ୍ ବିଭ୍ରାଟ

# ଅନ୍ତେବାସୀଙ୍କୁ ପୋଖରୀ ଭରସା

ଢେଙ୍କାନାଳ ଅଫିସ, ୧୮।୭

ଢେଙ୍କାନାଳ ପୌରାଞ୍ଚଳ ଅଧୀନ ୮ନଂ. ୱାର୍ଡସ୍ଥିତ ମହିଷାପାଟ ସେବାଶ୍ରମ ବିଦ୍ୟାଳୟରେ ସପ୍ତାହେ ହେଲା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ଅନ୍ତେବାସୀମାନେ ସ୍କୁଲ ନିକଟରେ ଥିବା ପୋଖରୀକୁ ଅସୁରକ୍ଷିତ ଭାବେ ଶୌଚ ହେବାକୁ ଯାଉଛନ୍ତି। ମଙ୍ଗଳ ବିଭାଗ ପକ୍ଷରୁ ପରିଚାଳିତ ସେବାଶ୍ରମ ବିଦ୍ୟାଳୟରେ ଏପରି ଅବ୍ୟବସ୍ଥାକୁ ନାପସନ୍ଦ କରିଛନ୍ତି ଅଞ୍ଚଳବାସୀ। ଟ୍ରାନ୍ସଫର୍ମର ପୋଡ଼ିଯାଇଥିବାରୁ ସ୍କୁଲରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ଏହାର ପ୍ରତିକାର ଦିଗରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ସୂଚନା ପାଇବା ପରେ ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଏ ନେଇ ସେ କୁହନ୍ତି, ଟ୍ରାନ୍ସଫର୍ମର ପୋଡି ଯାଇଥିବାରୁ ବିଦ୍ୟୁତ୍ ବିଭ୍ରାଟ ହୋଇଥିଲା। ସ୍କୁଲ କର୍ତ୍ତୃପକ୍ଷ ଛାତ୍ରମାନଙ୍କୁ ଶୌଚ ପାଇଁ ପୋଖରୀକୁ ନେଇଥିଲେ। ସନ୍ଧ୍ୟା ସୁଦ୍ଧା ନୂତନ ଟ୍ରାନ୍ସଫର୍ମର ବସିଛି। ସ୍କୁଲକୁ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଥିବା ସେ ସୂଚନା ଦେଇଛନ୍ତି।

# ୨ ଟ୍ରକ୍ ଜବତ, ୪ ଗିରଫ

ବଇଣ୍ଡା,୧୮।୭(ଡି.ଏନ.ଏ.)

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ହଣ୍ଡପା ଥାନା କମରେଇଠାରେ ବୁଧବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରି ୨ଟି ଚୋରା ଲୁହା ସାମଗ୍ରୀ ବୋଝେଇ ଟ୍ରକ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ବିହାରର ବିନୋଦ ଯାଦବ, ମଧ୍ୟପ୍ରଦେଶର ସୁଲତାନ ସିଂ, ଗୋପାଳ ସିଂ, ହଣ୍ଡପା ଥାନା ଚୁଳିଆପୁର ଗ୍ରାମର ଏକାଦଶିଆ ବେହେରାଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

ପୋଲିସ କହିଛି, ୨ଟି ଟ୍ରକ୍ (ଓଡ଼ି ୦୫ ଏକ୍ୟୁ ୫୭୦୭ ଏବଂ (ଆରଜେ ୧୭ ଜେଏ ୬୨୭୫) କମରେଇରେ ଏକ ଠିକାସଂସ୍ଥାର ଲୁହା ପ୍ଲେଟ ଲୋଡ଼ିଂ କରୁଥିଲେ। ସୂଚନା ପାଇ ଆଠମଲ୍ଲିକ ଏସଡିପିଓ ଶେଖ୍ ଅବଦୁଲ୍ କରିମ, ହଣ୍ଡପା ଆଇଆଇସି ଲବ ବୋଡ଼ା, ସେକେଣ୍ଡ ଅଫିସର ସରୋଜ କୁମାର ଦାସ, ଏଏସଆଇ ପି.କେ. ଆଏଚ୍ ପ୍ରମୁଖ ଚଢ଼ାଉ କରିଥିଲେ। ଏ ନେଇ ନଂ. ୧୨୨/୧୯ରେ ମାମଲା ରୁଜୁ କରାଯାଇଛି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ